# Visit of External Affairs Minister to Bangladesh and Bhutan

April 27, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ବାଙ୍ଗଲାଦେଶ ଏବଂ ଭୁଟାନ ଗସ୍ତ

**ଏପ୍ରିଲ 27, 2022**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 28-30 ଏପ୍ରିଲ 2022 ବାଙ୍ଗଲାଦେଶ ଏବଂ ଭୁଟାନ ଗସ୍ତ କରିବେ।

2. ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ମାନ୍ୟବର ଶେଖ ହସିନାଙ୍କୁ ଭେଟିବେ। ସେ ବୈଦେଶିକ ମନ୍ତ୍ରୀ ମାନ୍ୟବର ଡକ୍ଟର ଏ କେ ଅବଦୁଲ ମୋମେନଙ୍କ ସହ ଆଲୋଚନା କରିବେ। ନିୟମିତ ଦ୍ୱିପାକ୍ଷିକ ଉଚ୍ଚସ୍ତରୀୟ ଗସ୍ତ ଓ ଆଦାନପ୍ରଦାନ ପରିପ୍ରେକ୍ଷୀରେ ତଥା ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନା ହେବାର ପଚାଶ ବର୍ଷ ପୂର୍ତ୍ତି ପାଳିତ ହେଉଥିବା ଅବସରରେ ବାଙ୍ଗଲାଦେଶକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଏହି ଗସ୍ତ ଆୟୋଜିତ ହେଉଛି। ଏହା ପୂର୍ବରୁ ମାର୍ଚ୍ଚ 2021 ରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ବାଙ୍ଗଲାଦେଶ ଗସ୍ତ କରିଥିଲେ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଭୁଟାନ ଗସ୍ତ ମାର୍ଚ୍ଚ 2020 ପରଠାରୁ ଭୁଟାନକୁ ବିଦେଶରୁ ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ ହେବ, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ଉଭୟ ଦେଶ ଦେଉଥିବା ଗୁରୁତ୍ୱକୁ ଦର୍ଶାଏ। ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଭୁଟାନର ରାଜା ଜିଗମେ ଖେସର ନାମଗିଲ ୱାଙ୍ଗଚୁକଙ୍କ ସହ ସାକ୍ଷାତ କରିବେ ଏବଂ ଭୁଟାନର ପ୍ରଧାନମନ୍ତ୍ରୀ ଲିଓଞ୍ଚେନ ଡକ୍ଟର ଲୋଟେ ଶେରିଙ୍ଗ ଓ ବୈଦେଶିକ ମନ୍ତ୍ରୀ ଲିଓନପୋ ଡକ୍ଟର ଟାଣ୍ଡି ଡୋରଜୀଙ୍କୁ ଭେଟିବେ।

4. ଭାରତ ଏବଂ ଭୁଟାନ ମଧ୍ୟରେ ଏକ ଅନନ୍ୟ ଓ ସମୟ ପରୀକ୍ଷିତ ଦ୍ୱିପାକ୍ଷିକ ସମ୍ପର୍କ ରହିଆସିଛି, ଯାହା ଅତ୍ୟଧିକ ବିଶ୍ୱାସ, ସଦ୍ଭାବନା ଏବଂ ପାରସ୍ପରିକ ବୁଝାମଣା ଦ୍ୱାରା ବର୍ଦ୍ଧିତ। ଏହି ଗସ୍ତ ସମୟରେ ଉଭୟ ପକ୍ଷ ଆଗାମୀ ଉଚ୍ଚସ୍ତରୀୟ ଆଦାନ ପ୍ରଦାନ, ଅର୍ଥନୈତିକ ବିକାଶ ଏବଂ ଜଳ ବିଦ୍ୟୁତ ସହଯୋଗ ସମେତ ପାରସ୍ପରିକ ସ୍ୱାର୍ଥର ସମସ୍ତ ବିଷୟ ଉପରେ ଆଲୋଚନା କରିବେ।

**ନୂଆଦିଲ୍ଲୀ**

**ଏପ୍ରିଲ 27, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.